# ପିଲାଙ୍କ କଥା

## (ଖଡ଼ିଆ)

## ଦ୍ୱିତୀୟ ଭାଗ



# ପିଲାଙ୍କ କଥା (ଖଡ଼ିଆ)

## ଦ୍ୱିତୀୟ ଭାଗ

ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଅଧୀନରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା


ନିର୍ଦ୍ଦେଶକ
ପ୍ରଫେସର ଅଖିଳ ବିହାରୀ ଓତା

ପ୍ରସ୍ତୁତି
**ଶ୍ରୀ ପ୍ରବୀଣ ଡନ୍‌ସନା**
**ଶ୍ରୀ ଅର୍ଜ୍ଜୁନ ନାୟକ**

ସଂଯୋଜନା
**ଡ଼ଃ ପରମାନନ୍ଦ ପଟେଲ**



ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Sri Praveen Dansana**
**Sri Arjun Nayak**

Co- ordinator :
**Dr. Paramananda Patel**



Published by :
Academy of Tribal Languages & Culture
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସଂପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକର ଅନେକ ଉପଭାଷା । ବୋଲି ତିଆରି କରି ଦେଇଛି ତେଣୁ ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ବିଚିତ୍ର ସ୍ଥିତି ଆମକୁ ଅଡୁଆ କରିଥାଏ ।

ଦ୍ୱିତୀୟତଃ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଆଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀର ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆଉକ ବୁଝିବାରେ ସକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ ରାଜ୍ୟ ବ୍ୟବସ୍ଥାର ଭାଷା ସହ ଜଡ଼ିତ ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ ପ୍ରସ୍ତୁତ ହୁଏ । ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୁର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍‌ର ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ । ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକ ମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପ୍ରର୍ଯ୍ୟାୟ କ୍ରମେ ତାଲିମ୍ ଦେଇଆସୁଛି । ଦ୍ୱିତୀୟତଃ ପ୍ରଥମ ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବାପାଇଁ ତାଙ୍କ ଭାଷା ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ର ଭିତ୍ତିକ କାହାଣୀ-ଗୀତ-ପହଳିର ଅତିରିକ୍ତ ପୁସ୍ତିକା । ଏହା ପିଲାମାନଙ୍କୁ କେବଳ ଆନନ୍ଦ ଦେବ ତା ନୁହେଁ ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ସଂକ୍ରମିତ କରୁଛି ତା ଉପରେ ଧାରଣା ପାଇବେ ।

# ଡାଙ୍‌ସା ତାୟ୍ ଡନ୍‌ସନା ବାବୁ
# (ଡାଙ୍‌ସା ରୁ ଡନସନା ବାବୁ)





ସବଡେଗାଃ ଡମକୁଡା ମୁଇଙ୍ କେଲ୍କେ । ପୂରୁବ ତାଏ ପଛିମ୍ ଡିଗ୍ ମୁଇଙ୍ କନ୍ହନ୍ ଖିରମ୍ । ଉକ୍ଡାଃ ଭାଉଁରେ କେଲ୍କେ ତରା ତାଏ  ଆଡାଏ ଲାଃସିଗ୍ । ଉଡେ ରହେ ତାକି ଗାମଃଲାଃ - ଖାଡ୍ରା, ଆଘରିଆ, ଭାଃଟ, ଡେଲ୍କି ଖାଡିଆ, ଦୁଧ୍ ଖାଡିଆ ର ପାର୍ଜାକି ଆଏଗ୍ କି । ଉଜେଃ ବେଶୀ ମଃଲାଃଜ କୁଡେ ଦଶ୍ ନ ଦୁଇ କୋଏର୍ ବଛର୍ ଆଃ ତୁତାଃ କାୟମ୍ । ହ କେଲ୍କେତେ ଡାଙ୍ସା ଗାମ୍ କରି ମୁଇଙ୍ ଖାଡିଆ ବେଟା ଆକି । ଜଏନାଃଥମ୍ ମଘେର ବଟ୍ ବଟ୍ ର ଡେଙ୍ଡାହାଲ୍ ବଡେ ଖାଡଦାଙ୍ ଜୁଆନ୍ । ଯେଡେ କାମୁ ଗାମଃଲାଃଜ ଉମ୍ ହାଦରେତା । ତମଡ୍ ତେ ଉମ୍ ପାଲତିଙ୍ ଗାମ୍ନା କାୟମ୍ ମଃଡେଗ୍ । ବାରଗଁଠିଆ ସଙ୍ଗଲ୍ ଫାଡ୍ନା ଗାମଃ ଲାଃଜ ଲେରୈଃଗଃତା । ଯେନ୍ତା କାମୁ ଖାନ୍ତା ହଘାଏଜ ନଃ ଖାନ୍ତେ ଉଠ୍ ଖାନ୍ତେ । କୁଣୁଃ ବେଡ଼ା ତାଏ ହକଡ଼ାଃ ହାନ୍କାଡ଼ାଃ ଅଃତେ କୁଠିଆ/ ବାଠିଆ ରହେ କରି ଦିନ ସାନ୍ଖାନ୍ତା । ଜୁଆନ୍ କି ଭେରେ ହାଁଥେ ତାଏ ଦୁଇ ହାଁଥ୍ ହଏକି । ବେଟା ଯେ ସଁସାର୍ ଚଲାଏନାଃଥମ୍ ତାସ୍ ବାସ୍ ସରି ସଙ୍ଗଲ୍ଜ ଅବ୍ସଙ୍ ନାଃଥମ୍ ମନ୍ ବାୟଃ । ସଙ୍ଗଲ୍ ସାପଡ଼ାଃ ବୁଙ୍ ଡଡ୍ କଲା ଅବ୍ସଙ୍ତେ । ଅବ୍ସଙ୍ କରି ଦୁଇ ପଏସା ହଏକିଲା ଭାଠି ସାନ୍ କରି ବୁତ୍ଲେ ମେନେ ବାଜ୍ଡ଼ାୟ୍ର ଚାନା ଆଖେଠଆଖେଠ କରି ଅଃବୁଙ୍ ଏଙ୍ନା । ଉଜେଃ ଆଡ଼ିଆଃ ଦିଓଗା କାମୁ ।

ସବଡେଗା ବ୍ଲକର ଡମକୁଡା ବୋଲି ଛୋଟ ଗାଁଟିଏ । ପୂର୍ବରୁ ପଶ୍ଚିମ ଦିଗକୁ ଗୋଟିଏ ଛୋଟ ନଈ । ଏହାର ଚାରିପାଖକୁ ଲାଗି ଜଙ୍ଗଲ ଲାଗି ରହିଛି । ଏଠାକାର ଅଧିବାସୀ କହିଲେ କଂସାରୀ, ଆଗ୍ରୀଆ, ଭାଟ୍, ଡେଲ୍କି ଖଡିଆ, ଦୁଧ ଖଡିଆ ଓ ପରଜାମାନେ ବସବାସ କରନ୍ତି । ଏହା ବେଶୀ ନ ହେଲେ ମଧ୍ଯ ତିରିଶ ଚାଳିଶ ବର୍ଷ ତଳର କଥା । ସେହି ଗାଁ ରେ ଡାଙ୍ଗସା ବୋଲି ଜଣେ ଖଡିଆ ଲୋକଟିଏ । ଦେଖିବାକୁ କଳା ମିଚମିଚ, ଡେଙ୍ଗା ହୋଇ ସୁସ୍ଥ ସବଳ ଯୌବନ ଭରା ଦେହ । ଯେତେ ବଡ କାର୍ଯ୍ୟ ହେଲେ ମଧ୍ଯ ପଛ ଘୁଞ୍ଚା ଦିଏ ନାହିଁ । ମୁହଁରେ କୌଣସି କାର୍ଯ୍ୟ ପାରିବି ନାହିଁ ବୋଲି ଶବ୍ଦ ନାହିଁ । ବାରଗଣ୍ଡିର କାଠ ଫଟେଇବାକୁ କହିଲେ ଅଧିକ ଆନନ୍ଦିତ ହୁଏ । ଯେପରି କାର୍ଯ୍ୟ ସେହିପରି ଖାଦ୍ୟ ପେୟ । ଛୋଟବେଳୁ ଏ ଘରେ ସେ ଘରେ କାମ କରି ଦିନ ବିତୁଥିଲା । ଯୌବନ ହେଲାପରେ ଘର ସଂସାର ହୋଇଗଲା । ପିଲାଟି ଚାଷବାସ ସହିତ କାଠ ବେପାରରେ ମନ କଲା । କାଠ ସାପଡାଃକୁ ନେଇ ବିକ୍ରି କରେ । ହାତରେ ପଇସା ହୋଇଗଲେ ମଦଭାଠିକୁ ଯାଇ ମଦପିଇ ଚଣା ଚୋବାଇ ଚୋବାଇ ଘରକୁ ଫେରେ । ଏହା ତାର ନିତି ଦିନିଆ କାମ ।



ଉଘାଏ ବାୟ୍‌ତା ବାୟ୍‌ତା ମୁଇଙ୍ଗ୍ ବୁତଲ୍ ତାଏ ଉବାର୍ ବୁତଲ୍, ଉବାର୍ ତାଏତିନ୍, ତିନ୍ ତାୟ୍ ଚାଏର୍, ଚାଏର୍ ପାଂଚ ବୁତଲ ଉଥଃଲାଃଜ ମନ୍‌ଯୋଃ ଉମ୍ ମାଢ଼େତୋମୁସ୍‌ନିଙ୍ଗ୍ କଡ଼କଡ଼ିଆ ମୁଇଙ୍ଗ୍ ଭାର ସଙ୍ଗଲ୍ ଅଲ୍ କରି ଅବ୍‌ସଙ୍ଗ ଅଃ ର ମନ୍‌ଭୋଏର୍ ଚାନା ସଙ୍ଗ୍ କରି ଆର୍‌ଖି ଉଡ୍‌ନାଲାଃକି । ନିରୀତେ ବୁଲ୍‌ବୁଲ୍‌ଲାଃକି । ବେର୍‌ତେ ଜ କଙ୍ଗ୍‌ନା ଉମ୍ ପାଲଃ । ଏକ୍‌ଲାଗା ଇଡିପ୍ ଗଃକିଡିଗ୍ ଲାଃଜ ଆଡି ଭାଠିତେଗା ଆଏଗ୍ । ଯାହା ଅପ୍‌ସଙ୍ଗ୍ ସିଥଃ ଝାକି ପଏସା ବଙ୍ଗ୍ ଗଃ କି । ତିଃତେ ଚାନା ଗୁଟାଦୁଇ । ବୁଲ୍‌ବୁଲ୍‌ତେ କାଟାଦୁଇଟା ଛାନ୍ଦେ ଡମଖରତାଏଗ୍ । ହ ଚାନାତେ ଆଖେଡ୍ ଆଖେଡ ଆଲଙ୍ଗା ଅଃବୁଙ୍ଗ୍ ଡେଲତାଏଗ୍ । ଗଏଗ୍ ଝୁଙ୍ଗ୍‌ତେ କିଃତେ ଥର୍ ଗୁର୍‌ସିଗ୍ ଆଡିଆ ହିସାବ୍ ମଃ । କାଟା ହାଁଠୁ ତିଗାଃ କୁହୁନି ତମଡ ରମଙ୍ଗ୍ ଲୁତୁର୍ ହାନ୍ଦୁଡ଼ କରି ଇୟାମ୍ ଦରଙ୍ଗ୍‌ମସଙ୍ଗ୍ । ଆନ୍ଧାର କୁଲ୍‌କୁଲ୍ ଆଃ ଥମ୍ ଗଏଗ୍ ଝୁଙ୍ଗ୍ ବାନା ବାୟ୍ ଗଥଃ । କାଣ୍‌କାଣାୟ୍ ରାଙ୍ଗାଦିନ କେବଲ୍ ମୁଇଙ୍ଗ୍ କୁଣ୍ଠଃ ଧଡି ସୁଇକରି ମୁଇଙ୍ଗ୍ ଖଣ୍ କଡ଼ିତେ ତଲ୍‌ସିଗ୍ । ଗଏଗ୍ ଝୁଙ୍ଗ୍ ଅବସିଡ୍‌କରି ସାନ୍‌କଲା ଗୁର୍‌ସିଗ୍ ମୁଇଙ୍ଗ୍ ଆଙ୍ଗାଡ୍ ଡଡହା ନାଲାତେ ।

ଏହି ପରି ଗୋଟିଏ ବୋତଲରୁ ଦୁଇ, ଦୁଇ ରୁ ତିନି, ତିନିରୁ ଚାରି ପାଞ୍ଚ ହେଲେ ମଧ୍ୟ ମନଶାନ୍ତି ହୁଏ ନାହିଁ । ଗୋଟିଏ ଦିନ ଜବରଦସ୍ତ ଗୋଟିଏ ଭାର କାଠ ନେଇ ବିକ୍ରି କଲା ଓ ମନ ଇଛା ଚଣାକିଣି ମଦପିଇବାକୁ ଲାଗିଲା । ଦେହକୁ ନିଶା ଘାରିଲା । କାହାକୁ ଚିହ୍ନି ପାରିଲା ନାହିଁ । ଏକୁଟିଆ, ସନ୍ଧ୍ୟା ହୋଇଗଲାଣି, ତଥାପି ସେ ଅଛି ମଦଭାଠିରେ । ଯାହା ବିକ୍ରି କରିଥିଲା ସବୁଟଙ୍କା ଶେଷ । ହାତରେ ଖାଲି ଚଣା ଦୁଇଟା । ଗୋଡ ଦୁଇଟା ଟଳମଳ ହେଉଛି । ସେହି ଚଣାକୁ ଖାଇ ଖାଇ ଗୀତ ଗାଇ ଗାଇ ଘରକୁ ଫେରୁଛି । ବାଟରେ କେତେଥର ପଡିଛି ତାର ହିସାବ ନାହିଁ । ଗୋଡର ଆଣ୍ଠୁ ହାତର କୁହୁଣୀ ମୁହଁ ନାକ ସବୁ ଫାଟି ରକ୍ତ ଜୁଡୁବୁଡୁ । ଅନ୍ଧାର ମିଚମିଚ ହେତୁ ବାଟ ଛାଡି ଅବାଟରେ । ଶୀତ ଦିନ, କେବଳ ପିନ୍ଧାଧୋତି ଓ ଗାମୁଛା ଖଣ୍ଡେ ଅଣ୍ଟାରେ । ବାଟବଣା ହୋଇଯିବାରୁ ପଡିଛି ଯାଇ ଗୋଟିଏ ବିଲ ଗହିର ପାଣି ନାଳରେ ।





ଘର୍‌ନି ପେଗ୍ ଶାଃ ଗଙ୍ କରି ଗଏଗ୍ ଝୁଙ୍ ଜୟ୍‌ତାଏଗ୍ କି । ତାମାଡେଲ୍‌ନା ଅଡଃ ଖଣେଗ୍ ଡେଲ୍‌ନା ଇ ବେରେଜ ମଃ । ଉଘାୟ୍ ଭାବେ ଭାବେ ଆଧାଇଡ଼ିବ୍ ହଏଗଃକି ଜ । ପାଡା କେଲ୍‌କେ ଝାକିତି ଶୁନ୍‌ଶାନ୍ । ଲାଃ ଡାଙ୍ଗ୍‌ସା ବାବୁ ଗୁର୍‌ସିଗ୍ ଆଙ୍କାଲ୍ ମଃଝି ନାଲାତେ । ଭାଗ୍ୟ ଭଲ୍ ହାଏ ଡାଃମଃଡେଗ୍ । ଖଣ୍ ଖଣ୍ କାକର୍ ତେ ଅଚେତ୍ କରି ଗୁର୍‌ସିଗ୍ । ଇଡ଼ିପ୍ ଚାଏର୍ ବଜେ ଗଃକିଡିଗ୍ । ସିଙ୍ଗ୍ କୋଏ କକ୍‌ରେ କଁ .... ଗାମଃ ନ ଡାଙ୍ଗ୍‌ସା ବୁଲ୍‌ବୁଲ୍ ଫାଃଟେଗଃକି । ଜଏନା ଭେରେ ସାଣି ବେଲ୍‌ନାନ ପାଟିଆ ବେଲ୍‌ନା । ଇଜ ମଃଡେଗ୍ ଆଙ୍କାଲ୍ ଖଲିହା ଢଡ଼ାତେ ଜଗ୍‌ଡାୟ୍ ଡମ୍‌ସିଗ୍ । ଭାଗ୍ୟଭଲ୍ ଯେ ହୁଣାର୍ ଉମ୍ ଗଃଖ । ଲାଏଗ୍ ତେ ଦାନା ମଃଡେଗ୍ । ବେତୁଡ୍ ତେ ବେତୁଡ୍ । ଗୁର୍‌ସିଗ୍ ଯୋଃ ହାନ୍ଦୁଡ଼୍‌କରି କସୁତାଏଗ୍ । ନିରୀକାଟା ଆଡେଲ୍‌ଗୁଡ୍ । ବେରୁଡ୍‌ତାଏଗ୍ ଯେ ବେରୁଡ୍ ନା ଉମ୍‌ପାଲ୍‌ତାଏଗ୍ । କେଡ଼େ ଲଟ୍‌ପଟେ ବେରୁଡ୍ କରି ବୁଡିଆଃ ଢେଃଠମ୍ ସରି ଥେଭା ଥେଭା ଲେଙ୍ଗେଡ୍ ଲେଙ୍ଗେଡ୍ କରି ଅଃ ବୁଙ୍ ଡାମ୍‌କି । ଦୁଆର୍ ବଃତାଏ ଘର୍‌ନୀ ତେ ରେମାଃତାଏଗ୍, ନରେ.... ହେଁ .... ଅଣ୍ଡରୋବ୍ ନ ।

ଘର ଲୋକେ ଭାତ ତରକାରୀ କରି ବାଟ ଚାହିଁ ବସିଛନ୍ତି । ଏବେ ଆସିବେ ତେବେ ଆସିବେ କେବେ ନାହିଁ । ଏମିତି ଭାବୁ ଭାବୁ ରାତି ଅଧ । ସାଇପଡିଶା ସମସ୍ତେ ଶୁନସାନ୍ । ହେଲେ ଡାଙ୍ଗସା ବାବୁ ପଡିଛି କ୍ଷେତ ମଝି ପାଣିନାଳରେ । ଭାଗ୍ୟ ଭଲ ପାଣି ନାହିଁ । ଅଖଣ୍ଡ ଶୀତରେ ଚେତାଶୂନ୍ୟ ହୋଇ ପଡିଛି । ରାତି ଚାରିଟା, କୁକୁଡା ଡାକ ଛାଡିଲାଣି । ଦେହରୁ ନିଶା ଫାଟିପଡି ଦେଖିଲା ବେଳକୁ ନା ପାଖରେ ଖଟ ନା ଚଟେଇ । କ୍ଷେତର ପାଣି ନାଳରେ ପଡିରହିଛି । ଉପରବାଲାର ଦୟା ଯେ – ହେଟା ବାଘର ଆଖି ପଡିଲା ନାହିଁ । ପେଟରେ ଦାନା ନାହିଁ । ଭୋକରେ ଅସମ୍ଭାଳ ଦେହ ହାତ ଶୀତେଇ ବରଫ ଭଳିଆ ଟାଣ । ହାତ, ଗୋଡ, ମୁହଁ, ନାକ ଫାଟି ଅସହ୍ୟ ଯନ୍ତ୍ରଣା ହେଉଛି । ଉଠିବାକୁ ବଳ ନାହିଁ । କଷ୍ଟେ ମଷ୍ଟେ କୁରାଢୀରେ ଲାଗିଥିବା ବେଣ୍ଟର ସାହାଯ୍ୟ ନେଇ ଛଟେଇ ଛଟେଇ ବହୁ କଷ୍ଟରେ ପହଞ୍ଚିଲା ଘରକୁ । ଦୁଆର ମୁହଁରୁ ଡାକ ଛାଡୁଛି – ହଇହେ ଶୁଣିଲ ?




**ଥର ଦୁଇ କରି କିର୍‌ଲାୟ୍‌ନାତେ ଭୂଆସେନ୍ ବତ୍‌କେଗା ବଏଠା ଧଃତେ କରି ଡାମ୍‌କି । ଜୟଗଥଃ ଯେ - ନିରୀଗଟା ଖାର୍‌ଭୁସ୍‌ଡୁଙ୍ । ଖୁଁଖଁଡ଼ା ଗା, ତିଃ, କାଟା, ରମଙ୍ ହାନ୍ଦୁଡ୍ କରି ଦୁରଙ୍ ମସଙ୍ ଇଆମ୍ ବଟ୍‌ବଟ୍ । ବିଚ୍‌ରି ବାହାଁ ଧଃତେ କରି ଅଃ ବୁଙ୍ ଢିଃ ଭାରଃ । ଆମୁଡ୍ ଗଥଃ ର ହ କାଣ୍‌କାଣାଏ ପେଗ୍ ତେଗା କୁଡୁମ୍ କରି ଅବ୍‌ନଃଖଃ । ଠୁଙ୍କୁଡ୍ ଯେଃ ଆତେ ଠଃସିଗ୍ ଯେ ନଃନା ଜ ଉମ୍ ପାଲ୍‌ତାଏଗ୍ । ମାହାତର୍‌ସର୍‌ତେ ନଲ୍‌ନୁଲା ଗଥଃ ର ବିଚ୍‌ରା ପାଟିଆ ଆଙ୍କୁ କରି ବେଡ଼ ମୁଃସିଙ୍ ଜାକର୍ ଲେମେଡ୍ ଜମ୍‌କି । ବାକି କାମୁ ସାଉଡ଼ାୟ୍ ଡମ୍ ପାଲଃ ର ବେବ୍‌ରୁଡ୍‌ଥଃ । ଡାଙ୍‌ସା ଗିଆଲ୍‌ବୁଙ୍ ଆଲିଙ୍ ସେ ଆଲିଙ୍‌ସେ ଗାମ୍ କରି ବାହ୍‌ନା ବାୟ୍ ତାଏଗ୍ । ସାଉଡ଼ାୟ୍ ଡମାଃ କଟର୍ କଟର୍ ତେ ପାଟିଆତେ ବେରୁଡ୍ କରି ଡକକି । ତାମା ବାବୁଆଃ ଝାକିକାୟମ୍ ମନେଗୁର୍‌ତାଏଗ୍ । ଇଘାୟ୍ ବୁଲ୍‌କରି ଆଲଙ୍ ଗା ଡେଲ୍‌କି ଝାକି ମନେମନ୍ ହେଃଜ ହେଃଜ ଭାବେତାଏଗ୍ । ମନେ ମନ୍ ଗିଆଲ୍ ବୁଙ୍ ଅଡୁଆ ହଏ ଗଃ ତାଏଗ୍ । ଲେବୁ କିତେ ଇଘାଏ ରୁମାଙ୍ ଅବ୍‌ଜଇଙ୍ ଗାମ୍ କରି ଗିଆଲ୍ ବୁଙ୍ ଉବାର୍‌ତଃ ଖଡ଼ିତିଗ୍ ଉମ୍ ମୁଃକିର ଟିକିଏ ଛାଡ଼ିକି ରହିବ । ବାଡିତିଗ୍ ଡକଡକ କରି ବେଡବିଁବ୍‌ଡିବ୍ ଗଃତେ ।**

ଥରେ ଦୁଇଥର ଡାକ ପକାଇବାରୁ ଘରଭିତରୁ ବଇଠା ଧରି ଦଉଡି ଆସି ଦେଖିଲା ବେଳକୁ.... ଦେହଜାକ ମାଟି ମାଟି । ଗୋଡହାତ, ମୁହଁକାନ ଫାଟି ରକ୍ତରେ ଲାଲ । ବିଚାରୀ କରିବ କ'ଣ ? ବାହୁକୁ ଭିଡି ଧରି ଘର ଭିତରକୁ ନେଲା । ମୁହଁକୁ ଧୋଇ ସେହି ଶୀତ କାକର ବରଫ ଭଳିଆ ଭାତକୁ ନିଜ କୋଳରେ ବସାଇ ଖୁଆଇଲା । ଓଠ ଓ ଠୁଣ୍ହି ଫାଟି ଯାଇଥିବାରୁ ପାଟି ଆଁ କରି ପାରୁ ନାହିଁ । ଖାଇବ କ'ଣ ? ବହୁ କଷ୍ଟରେ କିଛି ପାଟି ଭିତରକୁ ଗଲା ଓ ଅଧା ତଳେ ପଡିଲା । ଆଉ ଭରସା ନାହିଁ କହି ଚଟେଇଟିକୁ ଢାଙ୍କି ହୋଇ ସକାଳ ସୂର୍ଯ୍ୟ ଉଦୟ ହେବା ପର୍ଯ୍ୟନ୍ତ ଶୋଇ ପଡିଲା । ବକେୟା ପଡିଥିବା କାର୍ଯ୍ୟ ସାରି ତା' ସ୍ତ୍ରୀ ତାକୁ ଉଠାଇଲା । ଲାଜରେ ଡାଙ୍ଗସା ବାବୁ ଟିକିଏ ରୁହ ଟିକିଏ ରୁହ କହି ସମୟ ଗଡାଉଛି । ସ୍ତ୍ରୀ ଥରକୁ ଥର ଡାକ ପକାଉଛି । ଶେଷରେ ସମ୍ଭାଳି ନପାରି ଉଠିବସିଲା । ଏବେ ବାବୁର ସବୁ କଥା ମନେ ପଡୁଛି । ନିଶା ଭୋଳରେ କିପରି ଗୀତ ଗାଉଥିଲା ସବୁ ଆଖି ଆଗରେ ନାଚି ଯାଉଛି । ଲାଜରେ ମୁଣ୍ଡ ଉପରକୁ ଟେକି ପାରୁନି । କିପରି ଗାଁ ଲୋକଙ୍କୁ ମୁହଁ ଦେଖାଇବ ? ଦେହଯାକ ଫାଟି ଲହୁଲୁହାଣ । କାହକୁ କ'ଣ କହିବ ? ଘରୁ ପଦାକୁ ବାହାରି ପାରୁନି । ଦିନେ ଦୁଇ ଦିନ ପଦାକୁ ନ ବାହାରି ନିଜ ବାଡିପଟେ ସକାଳୁ ସଞ୍ଜ ଯାଏ ବସି ବସି ଦିନ କାଟିଲା ।

ଅଡଃ ଦିନ ସିଙ୍କୋ ସୁଲାଃତାୟ ବେରୁଡ୍‌କରି ତିମ୍‌ସମ୍ ଗୁଇଗ୍ କରି ଉଚ୍‌କୁଙ୍‌ତେ ଡକସିଗ୍ । ଉ ବେଡାତେ ଭାବେତାଏଗ୍ ଛି... ରେ .. ଉ ଶଲା ଲରଃ ଡାଗାଃ ଥମ୍ ଉମେଗଡ଼୍‌ଗଡ଼ାର ଲାଜ୍‌ଲଜ୍‌ନା । ଲେବୁକିତେ ରୁମାଙ୍ଗ୍ ଅବ୍‌ଜନା ଆଡୁଆ । ଛି .... ରେ... ମୁସାତାୟ୍ ଆର୍‌ଖି ଝାରା ଉମ୍ ଉଟ୍‌ତିଙ୍ଗ୍ ନ ସଙ୍ଗଲ୍ ଉମ୍ ଅବ୍‌ସଙ୍ଗ୍‌ତିଙ୍ଗ୍ । ପୁର୍‌ଖାଃ ଉସ୍‌ଲଃତେ କଡ଼ାକେଚାଁକରି ତାସିଂ । ହ ଦିନତାୟ କାଁକର୍ ଗିଡିଂ ବର୍‌ଷା ବେତୁଡ୍ ଝାକିତେ ମୁଇଙ୍ଗ୍ ବାୟ୍ କରି ଆଙ୍କାଲ୍‌ତେ ଲାଃ କି । ଆଙ୍କାଲ୍ ଡମ୍‌ତେ ବାଃ ଲାଃ କରି ଲଁହ୍‌ସେ ଉଥାର୍‌କି ।

ଅନ୍ୟ ଦିନ କୁକୁଡ଼ା ଡକାରୁ ଉଠି ନିଆଁ ଜାଳି ବସି ଭାବୁଛି । ଛି ... ଛି ... ଆଉ ଏହି ପଚାସଢ଼ା ପାଣିକୁ ପିଇବି ନାହିଁ । ଏହାରି ପାଇଁ ମୁଁ ଏତେ ଅସହାୟ, ମୁହଁରେ ଲାଜ କାହାକୁ ମୁହଁ ଦେଖାଇ ପାରୁନି । ଛି... ଆଜିଠାରୁ ମୁଁ ମଦ, ହାଣ୍ଡିଆ ପିଇବି ନାହିଁ କି କାଠ ବେଉସା ଆଉ କରିବି ନାହିଁ । ପୁରୁଖା ରଖିଦେଇଥିବା ଜାଗା ମାଟିକୁ ଚାଷ କରି କ୍ଷେତରେ ସୁନା ଫଳାଇବି ।



**ବାଡ଼ିତେ ରକମ୍ ରକମ୍ ଆଃ କୁବି, ମୂଲା, ଲାଉ, କାଣ୍ଡରେଗ୍ ଅନଃ । ଗିରାମ୍ ଶିବ (ସେଉ) ଉକାଡ଼ାଃ ରକମ୍ ଜୟ୍‌କରି ଏକର୍ ବୁଙ୍ଗ୍ ଡେଲ୍‌କରି ଉଘାୟ୍ ବାୟମ୍ ହାନ୍‌ଘାୟ୍ ବାୟମ୍ ଗାମଃ । ଲେଁପ୍ ତାୟ୍ ସାର୍ ଅଲମ୍ ଝାକି ବୁଃଧି ବାତାୟଃ । ଧିରେ ଧିରେ ତାସ୍ ଜମ୍‌କେକି । ବାଡ଼ିତେ ଚୂଆଁ ଲାଏ କରି ତାସ୍ ବାଏନା ଲାଃକି । କୁବି ଚଡ଼ଧା ହମ୍‌ହା, ମୂଲା ଭୁଲୁଗୁଡ୍, କାନ୍‌ରେଗ୍ ତୁମା ଗୁଟ୍ ହଏକି । ସାଉଡା ଏଡମ୍‌ସର ବାଏସ୍‌କିଲ୍‌ତେ ସାପ୍‌ଡାଃ ହାଟ୍ ଅଲକଲା ଅପସଙ୍ଗ୍ ଅଃ କିଆର୍ । ଲାବ୍ ଅଏତ୍‌କା ହଏ ନାବୁଙ୍ଗ୍ ମୁଇଙ୍ଗ୍ ଟେମ୍ପୁ । ସଙ୍ଗ୍ କରି ଝାକି ହାଟ ବୁଙ୍ଗ୍ ସାନକି କିଆର୍ । ତାମା 'ଟ୍ 'ଟିତେ ବୁଲି ବୁଲି ଗାରାଖ୍ ଠିକ୍ ବାଏ କରି ଟେମ୍ପୁତେ ଜିନିଷ୍ ଅଡାମିଃ । ଉଘାୟ ହାଟତେ ଆଡ଼ିଆ ଜିନିଷ୍ ଉମ୍ ବଙ୍କିଲାଃ ବେରାଃ ଜିନିଷ୍ ଉମ୍ ସଙ୍ଗ୍ ଖାନ୍‌ତେ କି । ତାମା ତାସ୍‌ତେ ଉନ୍ନତି ବାଏକରି ଝାକିଆଃ ସରି ଚିହ୍ନାର୍ ଜନାର୍ ହଏ କରି ଡାଙ୍ଗ୍‌ସା ବାବୁତାୟ ପୁରୁଷ୍‌ତମ୍ ବାବୁ, ଡମ୍‌କୁଡିଆ ବାବୁ, ଡନ୍‌ସନା ବାବୁ ଗାମ୍ କରି ରେମାଃ ତାଏଗ୍‌କି ।**

ସେହି ଦିନଠାରୁ ଥଣ୍ଡା, କାକର, ଖରା, ବର୍ଷା, ଭୋକ, ଶୋଷ ଭୁଲି ସବୁକୁ ଏକ କରି କ୍ଷେତରେ ପରିଶ୍ରମ କଲା । ଧାନ କେଣ୍ଡା କେଣ୍ଡା ହୋଇ ଭୂମି ସ୍ପର୍ଶ କଲା । ବାଡ଼ିରେ ବିଭିନ୍ନ ପ୍ରକାରର କୋବି, ମୂଳା, ଲାଉ, ବାଇଗଣ ରୋଇଲା । ଗ୍ରାମ ସେବକ ଏହି ଲୋକର ଆଗ୍ରହ ଦେଖି ଘରକୁ ଆସି ଚାଷ ବିଷୟରେ ବିଭିନ୍ନ ଉପାୟ ବତାଇଲା । ଲେମ୍ପରୁ ସାର ଆଣି ଗଛଗୁଡିକରେ ଦେବାପାଇଁ ପରାମର୍ଶ ଦେଲା । ଧୀରେ ଧୀରେ ଚାଷ ଉନ୍ନତରୁ ଉନ୍ନତତର ହେଲା । ବାଡିରେ କୂଅ ଖୋଳି ପାଣି ଉଠାଇ ଚାଷ କରିବାକୁ ଲାଗିଲା । କୋବି ଟୋକେଇ ଭଳିଆ, ମୂଳା ଜଙ୍ଘ ଭଳିଆ ଓ ବାଇଗଣ ଲାଉ ଭଳିଆ ହେଲା । ତା ସ୍ତ୍ରୀ ସହିତ ସାଇକେଲରେ ସାପଡାଃ ବଜାରକୁ ଆଣି ବିକ୍ରିକଲେ । ଲାଭ ଅଧିକ ହେବାରୁ ଗୋଟିଏ ଟେମ୍ପୁ କିଣି ପ୍ରତ୍ୟେକ ବଜାରକୁ ଗଲେ । ଏବେ ଦୁଇ ଚକିଆ ଯାନରେ ବୁଲି ବୁଲି ଗ୍ରାହକ ଠିକ୍ କରି ଟେମ୍ପୁରେ ନେଇ ପହଞ୍ଚାଇଲା । ଏମିତିକି ହାଟରେ ତା ଜିନିଷ ନ ସରିବା ପର୍ଯ୍ୟନ୍ତ ଅନ୍ୟ ମାନଙ୍କ ଜିନିଷ ସେମିତି ପଡିରହିଥିଲା । ବାବୁ ଏବେ ଚାଷରେ ବହୁ ଉନ୍ନତି କରି ସମସ୍ତଙ୍କ ସହିତ ଚିହ୍ନା ପରିଚୟ ହୋଇ ଡାଙ୍ଗସା ବାବୁରୁ ପୁରୁଷୋତ୍ତମ ବାବୁ ବା ଡମକୁଡିଆ ବାବୁ ହୋଇଯାଇଛି ।

# ମୁଇଙ୍ଗ୍ ଜିଙ୍ଗ୍ରାୟ ର କେଣର୍ ବଗାଃ କଥ୍ନୀ
# (ଗୋଟିଏ ସାଏ ଓ ବୁଢ଼ାର କାହାଣୀ)



**ଖୋବ୍ ଦିନ ଆଃ କାୟମ୍ । ମୁଇଙ୍ କେଣର୍ବଃ ଆକି । ଆଡ଼ି ଝାକି ଦିନ ଆଡ଼ିଆଃ କଡ଼ିତେ ବୁଡ଼ିଆ ସଃ କରି ଆଡ଼ାଏ ବୁଙ୍ ସଙ୍ଗଲ୍ ଅଲ୍ନା ସାନ୍ତା । ମୁସ୍ନିଙ୍ କେଣର୍ବଃ ବୁଡିଆ ଡମ୍ତେ ଅବ୍ସିଡ୍ ଗଥଃ । କିଃ..ତେନା କିଃ..ତେ ଲାମ୍ ଦାଖାୟଃ । ଲାଃଜ ଉମ୍ କୁୟଃ । ଶେଷ୍ ତେ ରାସ୍ ହୟ୍ କରି ଆଡ଼ାୟାଃ ଜୀବ୍ ଜଁତୁ କିତେ ଗାମଃ-ବେର୍ ଇଙ୍ଗାଃ ବୁଡିଆ ଲାମ୍ ଅଲ୍ଗଡ଼େପେଲାଃ ଇଙ୍ ଇଙ୍ଗାଃ ବେଟୀ ଗିଙ୍ତେ ତେର୍ଗଡ଼ିଙ୍ । ଉଯେଃ ମୁଇଙ୍ ଏକର୍ତେ ଆନା ଜିଙ୍ରାଏ ଅଣର୍ ଖାନ୍ତେ । ସାଙ୍ଗେ ସାଙ୍ କେଣର୍ଆଃ ଏକର୍ ବୁଙ୍ ଡେଲ୍କି ର ଗାମଃ । ଇ ଗାମବ୍ କେଣର୍ ? କେଣର୍ବଃ ଗାମଃ- ଇଙ୍ ଇହିଯ ମଃ ଗାମ୍ନା ।**

ବହୁ ଦିନ ତଳର କଥା । ଗୋଟିଏ ବୁଢା ଥିଲା । ସେ ପ୍ରତିଦିନ ତା ଅଣ୍ଟାରେ କୁରାଢି ଖୋସି ଜଙ୍ଗଲକୁ କାଠ ପାଇଁ ଯାଏ । ଗୋଟିଏ ଦିନ ବୁଢା କୁରାଢ଼ିକୁ ହଜାଇ ଦେଲା । ବହୁତ ଖୋଜା ଖୋଜି କଲା ପରେ ମଧ୍ୟ ପାଇଲା ନାହିଁ । ଶେଷରେ ନିରାଶ ହୋଇ ଜଙ୍ଗଲର ଜୀବଜନ୍ତୁ ମାନଙ୍କୁ କହିଲା - ଯିଏ ମୋ କୁରାଢ଼ି ଖୋଜି ଆଣିଦେବ ତାକୁ ମୋ ଝିଅକୁ ଦେଇ ଦେବି । ଏକଥା ଜଙ୍ଗଲର ପାଖରେ ଥିବା ଝିଙ୍କଟିଏ ଶୁଣୁଥିଲା । ସେ ସାଙ୍ଗେ ସାଙ୍ଗେ ସାହାଯ୍ୟ କରିବା ପାଇଁ ଆସିଲା ଓ କହିଲା – କ'ଣ କହିଲୁ ବୁଢ଼ା ? ବୁଢା କହିଲା କିଛି କହିନାହିଁ ।







ସତ୍ ଗାମେ – ଆମ୍ ଇ ଲାଃଜ ଗାମ୍ସମ୍ । ଶେଷ୍ତେ କେଣର୍ ବଃ ଗାମଃ – ଇଙ୍ ଇଙ୍ଗାଃ ବୁଢ଼ିଆ ଅବ୍ସିଡ୍ ଗଃ ସିଙ୍ । ବେର୍ ଲାମ୍ ଅଲ୍ ଗଡ଼େପେଲାଃ ଇଙ୍ ଇଙ୍ଗାଃ ବେଟୀ ଗିଙ୍ ତେ ତେର୍ଗଡ଼ିଙ୍ । ଜିଙ୍ରାୟ ଇଟିଃ ମଡ୍ ଜାପିଡ୍ କଲା ଧିଆନ୍ ବାୟଃ ର ଗାମଃ – କେଣର୍ ଆମାଃ ବୁଢ଼ିଆ କଢ଼ିତେ ଆଃଇ । ଶେଷ୍ତେ କେଣରତେ ବେଟୀ ଡମ୍ତେ ତେର୍ନା ଗୁର୍କି । କେଣର୍ ବଃ ଗାମଃ ଉଯେଃ ଜୟତାୟଗ୍ଜମ୍ ? ଉଯେଃ ମୁଇଙ୍ ଖେଜୁର୍ ଦାରୁ ହାଏ ।

ଝିଙ୍କ କହିଲା – ଚିନ୍ତା କରି ସତକଥା କୁହ – ତୁମେ କିଛି କହିଛ । ଶେଷରେ ବୁଢା କହିଲା – ମୁଁ ମୋର କୁରାଢୀ ହଜାଇ ଦେଇଛି । କିଏ ଖୋଜି ଆଣିଦେଲେ ମୁଁ ମୋ ଝିଅକୁ ଦେଇଦେବି । ତାପରେ ଝିଙ୍କ ଟିକିଏ ଚିନ୍ତା ମଗ୍ନ ହେଲା ଓ କହିଲା – ବୁଢା ତୁମ କୁରାଢୀ ଅଣ୍ଟାରେ ଅଛି । ଶେଷରେ ବୁଢା ତା ଝିଅକୁ ଦେବାକୁ ପଡିଲା । ବୁଢା କହିଲା – ଏଇ ଦେଖୁଛ ? ଏହା ଏକ ଖଜୁରୀ ବୃକ୍ଷ ।





ଉ ଦାରୁ ଆତ୍ ଦିନ ଗୋଏଗ୍ ଗଃ ନା ହ ଦିନ ଇଙ୍ଗାଃ ଅଃବୁଙ୍ଗ୍ ସାନାମ୍ । ଇଙ୍ଗ୍ ଇଙ୍ଗାଃ ବେଟୀ ଗିଙ୍ଗ୍ତେ ଡେର୍ଗଡିଙ୍ଗ୍ । ଜିଙ୍ଗ୍ରାୟ୍ ଝାକି ଦିନ ହ ଦାରୁ ବୁଙ୍ଗ୍ ସାନ୍ତା । ଦାରୁ କେଭେଜ ଉମ୍ ଗୋଏଗ୍ତା । ଶେଷ୍ତେ ଜିଙ୍ଗ୍ରାୟ ମୁଇଙ୍ଗ୍ କନେସରି ମିତ ଡକକି । କନେ ତେ ଗାମଃ – ଆମ୍ ଉ ଖେଜୁର୍ ଦାରୁ ଆଃ ଝାକି ଜୁଡୁ କିତେ ଡେଗ୍ ଗଡେ । କନେ ହଘାୟଗା ବାୟଃ । ଦାରୁ ଗୋଏଗ୍ ଗଃ କି । ଜିଙ୍ଗ୍ରାୟ୍ ଦାରୁ ଆଃ ମୁଇଙ୍ଗ୍ ଡାଡ୍ ଧଃତେ କରି ବୁଢାଃ ଅଃବୁଙ୍ଗ୍ ସାନ୍କି ।

ଏହା ଯେଉଁ ଦିନ ମରିଯିବ, ସେହି ଦିନ ମୋ ଘରକୁ ଯିବ । ମୁଁ ମୋ ଝିଅକୁ ଦେଇ ଦେବି । ଝିଙ୍କ ସବୁଦିନ ସେହି ଗଛ ପାଖକୁ ଯାଏ । ଗଛ କେବେ ମରେ ନାହିଁ । ଶେଷରେ ଝିଙ୍କ ଗୋଟିଏ ମୂଷା ସହିତ ମିତ ବସିଲା । ମୂଷାକୁ କହିଲା – ତୁମେ ଏହି ଖଜୁରୀ ଗଛର ଚେରକୁ କାଟିଦିଅ । ମୂଷା ସେହିପରି କଲା । ଗଛ ମରିଗଲା । ଝିଙ୍କ ଗଛର ଏକଡାଳ ଧରି ବୁଢା ଘରକୁ ଗଲା ।





ବେଟୀଯେଃ ଅଃତେ ଆକି । ଜିଙ୍ଗ୍‌ରାୟ୍ ତେ ଜୟ କରି ବେଟୀ ଡମ୍ ବୁଆଡମ୍ ତେ ଗାମ୍‌ତାୟ୍‌ଗ୍ । ବୁଆ ଗୋ ଜିଙ୍ଗ୍‌ରାୟ୍ ଅଃ ଡେଲ୍‌ତାଏଗ୍ । କେଣର୍ ଗାମଃ – ଜିଙ୍ଗ୍‌ରାୟ୍ ଆଣିଗ୍ ବେଟୀ । ଆରାମ କୁଣ୍ଡୁଃ ହାଏ । କିଃତେ ଦିନତଃ ରହେକି କିଆର୍ ତାୟ୍ ଆଡ଼ି ଜିଙ୍ଗ୍‌ରାୟ୍ ସରି ବେଟୀ ଡମ୍ ତେ କିନ୍‌କାର୍ ଗନ୍‌ମେର୍ ଡମ୍ ଝାନାଃ ଅଃବୁଙ୍ଗ୍ ଡାଙ୍ଗ୍ ଗଥଃ । ଆଡ୍‌କିଆର୍ ଅଖଣ୍ଡି ଆଡ଼ାଏତେ ଦେଉଲ୍ ମହଲ୍ ବାୟ୍ କରି ରହେ କି କିଆର୍ । ଜିଙ୍ଗ୍‌ରାୟ୍ ବେଟୀ ଆଃ ଲାଗିନ୍ ଝାକି ଦିନ ଆଡ଼ାଏ ତାୟ୍ ପୋଡୋବ୍ ଅଲ୍‌ଟୁଇ ଖାନ୍‌ତେ । ଉଘାଏ ଆଡ଼୍‌କିଆର୍ ଚଲେ ବୁଲେ ଖାନ୍‌ତା କିଆର୍ ।

ଝିଅଟି ଘରେ ଥିଲା ଝିଙ୍କକୁ ଦେଖି ଝିଅ କହିଲା – ବାପା ଝିଙ୍କ ଆସୁଛି । ବୁଢା କହିଲା ଝିଙ୍କ ନୁହେଁ ବେଟୀ ଜ୍ୱାଇଁ ପୁଅ । କିଛି ଦିନ ରହିବା ପରେ ସେ ଝିଙ୍କ ସହିତ ନିଜ ଝିଅକୁ ଶାଶୁ ଶ୍ୱଶୁର ଘରକୁ ପଠାଇଦେଲା । ସେମାନେ ଅଖଣ୍ଡି ଜଙ୍ଗଲରେ ଦେଉଳ, ମହଲ ତିଆରି କରି ରହିଲେ । ଝିଙ୍କ ଝିଅର ଖାଇବା ପାଇଁ ପ୍ରତିଦିନ ଜଙ୍ଗଲରୁ କନ୍ଦମୂଳ ଆଣି ଦେଉଥିଲା । ଏହିପରି ସେମାନେ ଜୀବନ ନିର୍ବାହ କରୁଥିଲେ ।



ମୁସ୍‌ନିଙ୍ଗ୍ ରାଜା ଆଡ଼ିଆଃ ସଏନ୍ ସାମନ୍ତ ଧଃତେ କରି ପାରେତ୍ ବୁଲିନା ଡେଲ୍‌କି । ରାଜା ଗାମଃ- ଜୟ୍‌ପେ ସେ ଆଡିଗ୍ ଧୁଙ୍ଗିଆ ବେରୁଡ୍ ତାଏଗ୍ ନ୍ ମଃ । ଝାକି ଗା ଉଡିଗ୍ ହାନ୍‌ଡିଗ୍ ଜୟଃକି । ମୁଇଙ୍ଗ୍ ଠାଣ୍‌ତେ ଧୁଙ୍ଗିଆ ବେରୁ ଖାନ୍‌ତା । ଲାମ୍‌ନା ସାନ୍‌କି ମେନ୍ । ଜୟଃକି ମୁଇଙ୍ଗ୍ ରାଜ୍ ମହଲ୍ ଆଃ ଭିଃତାର୍‌ତେ ଦଶ୍‌ଟା ବାଖ୍‌ରା ତେ ମୁଇଙ୍ଗ୍ ବେଟୀ ତଲ୍ ତଲ୍ ଆଃଇ । ସଇନିକି ଆଡ୍‌ତେ ଜୟ୍ କଲା ତିମ୍‌ସମ୍ ବରଃ କି । ତିମ୍‌ସମ୍ ଡଟ୍ କଲା ସଇନିକି ରାଜାତେ ଝାକି କାୟମ୍ ଗାମଃକି । ରାଜା ବିଶ୍ୱାସ ବାୟ୍‌କରି ନିଜେ ଜୟ୍‌ନା ଡେଲ୍‌କି । ଆଡ଼ି ରାଜ୍ ମହଲ୍ ଡେଲ୍ କରି ଝର୍‌କାତାୟ ରାନୀ ବେଟିତେ ଜୟନା ଲାଃକି ।

ଗୋଟିଏ ଦିନ ରାଜା ନିଜ ସୈନ୍ୟ ସାମନ୍ତ ଧରି ବଣକୁ ଶିକାର କରିବାକୁ ଆସିଲେ । ନିଆଁର ଆବଶ୍ୟକତା ପଡିଲା । ରାଜା କହିଲେ ଦେଖ'ତ କୌଣସି ଜାଗାରେ ଧୂଆଁ ଉଠୁଚି କି ନାହିଁ । ସମସ୍ତେ ଏପଟ ସେପଟ ଦେଖିଲେ । ଗୋଟିଏ ଜାଗାରେ ଧୂଆଁ ଉଠୁଥିଲା । ଖୋଜିବା ପାଇଁ ଗଲେ । ଦେଖିଲେ ଗୋଟିଏ ରାଜମହଲ ଅଛି । ଦଶ କୋଠରୀ ଭିତରେ ଏକ ଯୁବତୀ ଜଣେ ବସିଅଛି । ସୈନ୍ୟମାନେ ତାକୁ ନିଆଁ ମାଗିଲେ । ନିଆଁ ନେଇ ସମସ୍ତ କଥା ରାଜାଙ୍କୁ ସୈନ୍ୟମାନେ କହିଲେ । ରାଜା ବିଶ୍ୱାସ କରି ସ୍ୱୟଂ ଆସିଲେ । ସେ ରାଜମହଲ ନିକଟକୁ ଆସି ଝରକାରେ ଯୁବତୀଟିକୁ ଦେଖିବାକୁ ଲାଗିଲେ ।



ରାନୀବେଟୀ ରାଜାତେ ଜୟକରି ସନଙ୍ଗ୍ ଏକର ବୁଙ୍ଗ୍ ଡେଲକି । ରଜେଃଜୟ କଲା ରାଜା ବେଟା ଗାମଃ – ଯଧର୍ବି ଇଙ୍ଗ୍ ମାଁ ଗିଙ୍ଗାଃ ଜନ୍ମାଲା ବେଟା ହଏ ସିଃ ନାଏଙ୍ଗ୍ ଲାଃ ମୁଇଙ୍ଗ୍ ତାଲତାଲ୍ତେ ଦଶଟା ସନଙ୍ଗ୍ ରୁଃଡମ୍ ଗଃନା । ସତ୍କେ ସତ୍ ମୁଇଙ୍ଗ୍ ତାଲ୍ ତାଲ୍ତେ ଦଶଟା ସନଙ୍ଗ୍ ରୁଃଡମ୍ ଗଃକି । ଆଡି ଭିଃତାର ବୁଙ୍ଗ୍ ଡିଆର୍ କରି ରାନୀତେ ଆଡ଼ିଆଃ ଘଡ଼ାତେ ତବ୍କ ଡଡ୍ଡୁଖ ।

ରାନୀତେ ଯେତ୍କି ଭେରେ ଡଡୁଃ ଖାନ୍ତେ ରାନୀ ଗାମ୍ଃ – ଇଙ୍ଗ୍ ତେ ମୁଇଙ୍ଗ୍ ଜିନିଷ୍ ଡଡ୍ନା ତେରେ । ଆଜେଃ – ଜିଙ୍ଗ୍ରାୟ୍ ଆଃ ପଗଡ଼ି ଆକି । ଜିଙ୍ଗ୍ରାୟ୍ ମୁସ୍ନିଙ୍ଗ୍ ଗାମ୍ସିଥଃ ଯଦି ଆମ୍ତେ ବେର୍ ସୁରୁମ୍ ଡଡ୍ଡୁଃ ଖଃଲାଃ ଇଙ୍ଗାଃ ପଗଡ଼ି ତେ ସରି ଡଡ଼ମ୍ ର ଗାଃ କରି ଗଏଗ୍ଝୁଙ୍ଗ୍ ଗଟା ଅବ୍ଗୁର୍ ଗଡ଼ମ୍ । ରାନୀ ଉଘାଏ ବାୟଃ । ଜିଙ୍ଗ୍ରାୟ୍ ଡେଲ୍କରି ଜୟଃ ରାନୀତେ ବେର୍ ଡଡ୍ଡୁଃ ସିଗ୍ । ଲାମ୍ନାଃଥମ୍ ମୁଃକି । ଆଡ଼ି ଠିକ୍ ଉ ବେଡ଼ାତେ ଡାମ୍କି – ଯେତ୍କିଖନ୍ ବିହା ହଏ ଖାନ୍ତା । ଉକାଡ୍ତେ ଜୟ୍ କଲା ରାଜା ପଚ୍ରାୟଃ । ଆମ୍ ଇ ଲାମ୍ତାଏଗ୍ ଜମ୍ ? ଜିଙ୍ଗ୍ରାୟ୍ ଗାମଃ ଇହିଜ ମଃଗା । ରାଜା ଖିସାୟ୍ ଗଃକି ର ସଲଃ ଡମ୍କିତେ ଜିଙ୍ଗ୍ରାୟ ଆଃତଭଃଲୁଙ୍ଗ୍ ବୁଙ୍ଗ୍ ମେଲାଏ ଗଥଃ । ସଲଃ କି ଆଡ୍ତେ ଚିର୍ 'ାଡ୍ ବାୟ୍ କଲା ମାଢ଼ାଏ ଗଥଃ କି ।

ଯୁବତୀ ରାଜାଙ୍କୁ ଦେଖି କବାଟ ପାଖକୁ ଆସିଲା । ଏହା ଦେଖି ରାଜପୁତ୍ର କହିଲା– ଯଦି ମୁଁ ମୋ ମାଁର ଜନ୍ମ ଦେଲା ପୁଅ ହୋଇଥିବି ତା ହେଲେ ଗୋଟିଏ ନାତରେ ଦଶଟି କବାଟ ଖୋଲିଯିବ । ସତକୁ ସତ ଗୋଟିଏ ନାତରେ ଦଶଟି କବାଟ ଖୋଲିଗଲା । ସେ ଭିତରକୁ ଯାଇ ରାଣୀକୁ ନିଜ ଘୋଡାରେ ବସାଇ ନେଇଗଲା । ରାଣୀକୁ ଯେତେ ବେଳେ ନେଇ ଯାଉଥିଲା ରାଣୀ କହିଲା – ମତେ ଗୋଟିଏ ଜିନିଷ ନେବାକୁ ଦିଅ । ଯାହାକି ଝିଙ୍କର ପଗଡି ଥିଲା । ଝିଙ୍କ ଦିନେ କହିଥିଲା, ଯଦି ତୁମକୁ କେହି ଅପହରଣ କରନ୍ତି ତା ହେଲେ ମୋ ପଗଡ଼ିକୁ ନେଇଯିବ ଓ ଚିରି ବାଟ ସାରା ପକାଇ ଦେବ । ରାଣୀ ଏହି ପରି କଲା ।

ଝିଙ୍କ ଆସି ଦେଖିଲା ରାଣୀକୁ କିଏ ନେଇଯାଇଛି । ଖୋଜିବା ପାଇଁ ବାହାରିଲା । ସେ ଠିକ୍ ଏହିପରି ସମୟରେ ପହଞ୍ଚିଲା, ଯେତେବେଳେ ବିବାହ ହେଉଥିଲା । ଏହାକୁ ଦେଖି ରାଜା ପଚାରିଲେ, ତୁମେ କ'ଣ ଖୋଜୁଛ ? ଝିଙ୍କ କହିଲା କିଛି ନାହିଁ । ରାଜା ରାଗିଗଲେ ଓ କୁକୁର ମାନଙ୍କୁ ତା ଉପରକୁ ଛାଡିଦେଲେ । କୁକୁରମାନେ ତାକୁ ଚିରି ଫାଡିଦେଲେ । ରାଣୀ ଆଦେଶ ଦେଲେ ଯେ ଏହାକୁ କାଠ ଦେଇ ଶବ ସତ୍କାର କରାଯାଉ । ସେମାନେ କାଠ ଦେଇ ଅଗ୍ନି ସଂଯୋଗ କଲେ ।

**ରାନୀ ଆଦେଶ୍ ତେରଃ । ଉକାଡ଼୍‌ତେ ସହ ତେର୍ ଗଡ଼େ଼ପେ । ଆଡ଼୍‌କି ସହ ତେରଃକି । ରାନୀ ମୁଇଙ୍ ମାହାଁ ହାଥୀତେ ଡେପ୍‌କରି ଜୟନା ଡେଲ୍‌କି । ରାନୀ ଆଡ଼ିଆ ସରି ମାର୍‌ଚି ଗୁଣାଁଆ ଧଃତେ କରି ଡେଲ୍‌ସିଥଃ । ଝାକିତେ ଗାମଃ । ଜୟ୍‌ପେ ରେ ଦିନ ବେଡ଼ାଜ ତିରିପ୍‌ତେ ସିମ୍‌କମ୍ ମୁଃସିଗ୍ କି । ଝାକିଗା ତଭଃଲୁଙ୍ ଜୟଃ କି । ରାନୀ ଧଃତେ ସିଥଃ ମାର୍‌ଚି ଗୁଣ୍ଆତେ ଝାକିଆ ମଡ୍‌ତେ ବିଡ୍ ଗଥଃ ର ହୁଦ୍ ହୁଦ୍ ତେମୁଖାନ୍‌ନା ତିମ୍‌ସମ୍‌ତେ ଡେଗେ କରି ଜୀବନ ତେର୍ କରି ଖାରାମ୍ ହଏଗଃକି ।**

ରାଣୀ ମଧ ଗୋଟିଏ ବଡ ହାତୀରେ ଚଢ଼ି ଦେଖିବା ପାଇଁ ଆସିଲେ । ସେ ତା ସହିତ ଲଙ୍କା ଗୁଣ୍ଡ ନେଇ ଆସିଥିଲା । ସମସ୍ତଙ୍କୁ କହିଲା, ଦେଖ ଦିନରେ ଆକାଶରେ ତାରାମାନେ ବାହାରିଛନ୍ତି । ସମସ୍ତେ ଉପରକୁ ଦେଖିଲେ । ରାଣୀ ଧରିଥିବା ଲଙ୍କା ଗୁଣ୍ଡକୁ ସମସ୍ତଙ୍କ ଆଖିରେ ଛିଞ୍ଚି ଦେଇ ନିଜେ ହୁତ୍ ହୁତ୍ ହୋଇ ଜଳୁଥିବା ଅଗ୍ନିରେ ଝାସ ଦେଇ ପ୍ରାଣ ବିସର୍ଜନ କରି ପାଉଁଶ ହୋଇଗଲେ ।



# ଚାଟୁ ଆର୍ ଡୁଆ (ଚଟୁ ଓ ଡୁଆ)






ଖୋବ୍ ଦିନ ଆଃ କାୟମ୍ । କାନାକୁଣ୍ ଖିରମ୍ ତରାତେ ମୁଇଙ୍ ଗରୀବ୍ ଭୂୟାଁ ଅଃ ଆକି । ମୁସ୍‌ନିଙ୍ ହ ଅଗାଃ ଭୂଆସେନ୍ ଉଆଃ ନାଃଥମ୍ ଖିରମ୍ ବୁଙ୍ ସାନ୍‌ସି ଥଃ । ଜୋଲ୍ ସାଙ୍ ସାଙ୍ ନିରୀତେ ଗସଃ କରି ଡାଃ ଭିଃତାର୍‌ବୁଙ୍ ଡିଆର୍‌କି । ଉ ବେଡ଼ାତେ ଜୟଃ ଯେ- ତମ୍‌ନେ ବୁର୍‌ନି ମୁଇଙ୍ ଡାଃ ତେ ଭାସେ ଭାସେ ଡେଲ୍‌ଲାଃ ସିଗ୍ । ଭୂଆସେନ୍ ଉମ୍ ବତଙ୍ କରି ବୁର୍‌ନି ତେ ଡାଃ ତାଏ କୁଡାଃ କରି ଢିପାବୁମ୍ ଅଲଃ । ଜୟଃ ଯେ- ବୁର୍‌ନି ଭିଃ ତାଃରତେ ମୁଇଙ୍ ପେଗ୍ ଗଙ୍ ଗଙ୍ ଚାଟୁଆ ର ଦାଏଲ୍ ଉପ୍‌କନା ଡୁଆ ମୁଇଙ୍ ଆଃଇ । ଅଃବୁଙ୍ ଅଲ୍ କଲା ଅଗାଃ ଝାକିତେ ଉଃ କାୟମ୍ ଗାମଃ । କିନ୍‌କାର୍ ଡମ୍ ର ଗନ୍‌ମେର୍ ଡମ୍ ଗାମଃ କିଆର୍ ଅଲ୍‌ସିଗ୍‌ପେକ ଅଲସିଗ୍ ପେ, ଅଃ ତେ ଉନ୍ ଗଡ଼େପେ । ଭୂଆସେନ୍ ଯେଃ- ଇ କଙ୍‌ତେ-ଉନ୍ ଗଥଃ । ଇଡ଼ିବ୍ ତେ ନଃ ଉଡ୍ ପାଲଃକିର ଯେ ଯେନ୍‌ତା ନିଜର୍ ନିଜର୍ ବାଖ୍‌ରା ବୁଙ୍ ସାନ୍ କରି ଗିତାଃ ଗଃକିମେନ/ ଜମ୍‌କିମେନ ।

ବହୁ ଦିନ ତଳର କଥା । କାନାକୁଣ୍ଡ ନଈ କୂଳରେ ଗୋଟିଏ ଗରିବ ଭୂୟାଁ ଘର ଥିଲା । ଦିନେ ସେହି ଘରର ଭୁଆଷୁଣୀ ଗାଧୋଇବା ପାଇଁ ନଈକୁ ଯାଇଥିଲା । ତେଲ, ହଳଦୀ ଦେହରେ ଲଗାଇ ପାଣି ଭିତରକୁ ପଶିଲା । ଏହି ସମୟରେ ଦେଖିଲା ଯେ, ଗୋଟିଏ ନୂଆ ଟୋକେଇ ପାଣିରେ ଭାସି ଭାସି ଆସୁଛି । ଭୁଆଷୁଣୀ ମନରେ ଭୟ ନ କରି ଟୋକେଇଟିକୁ ପାଣିରୁ ଉଦ୍ଧାର କରି ଢ଼ିପକୁ ଆଣିଲା । ଦେଖିଲା ଯେ, ଟୋକେଇରେ ଗୋଟିଏ ଭାତ ରନ୍ଧା ଚଟୁ ଓ ଡାଲି ରନ୍ଧା ଡୁଆଟିଏ ଅଛି । ଘରକୁ ଆଣି ସମସ୍ତଙ୍କୁ ଏକଥା ଜଣାଇଲା । ଶାଶୁ ଓ ଶ୍ୱଶୁର କହିଲେ ଆଣିଛ ତ ଆଣିଛ ତହାକୁ ରଖିଦିଅ । ଭୁଆଷୁଣୀଟି କ'ଣ ଜାଣିଛି, ରଖିଦେଲା । ରାତିରେ ଖିଆ ପିଆ ସାରି ଯେଝା ନିଜ ନିଜ ଶୋଇବା କୋଠରୀକୁ ଯାଇ ବିଶ୍ରାମ ନେଲେ ।



ଇଡିବ୍ ତେ ଭୂଆସେନ୍ ତେ ଦେବୀ ସପନ୍ ତେରଃ । ଆଡ଼୍ତେ ଗାମ୍ତାଏଗ୍ - ଆମ୍ପେ ଆତ୍ ଜିନିଷ୍ କୁଇସମ୍ ହଜେଃ ସୋଜ୍ (ହାନ୍ଘାଏ ଉଘାଏ) ଜିନିଷ ଆଣିଗ୍ । ଆମ୍ ପେଗ୍ ଗଙ୍ନା ଭେରେ ସୁଲି ଡାଃ ତେ ଉଚ୍କୁଙ୍ ତେ ମାଢ଼ାଏ ଗଡ଼ମ୍ । ସୁଲିଡାଃ ଲ'ଃଲାଃ ଚଟୁ ତେ ଆଡିଆଃ ଭିଃତାର୍ତେ ଜଗ୍ଡାଏ କରି ଘାନ୍ଟେ ଗଡମ୍ ର ଗାମମ୍- ପେଗ୍ ହଏଗଃନା । ପେଗ୍ ହଏଗଃକି । ଠିକ୍ ହଘାଏ ଉଚ୍କୁଙ୍ ତେ ଦାଏଲ୍ ଆଃ ଥମ୍ ଡାଃ ମାଢ଼ାଏ ଗଡ଼ମ୍ । ଡାଃ ଲବେ ଭେରେ ଆଡ଼ିଆଃ ଭିଃତାର୍ତେ ଡୁଆତେ ଘାନ୍ଟେ ଗଡମ୍ ର ଗାମମ୍- ଦାଏଲ୍ ହଏ ଗଃନା । ଦାଏଲ୍ ହଏ ଗଃକି । ଲେକିନ୍ ସାବ୍ଧାନ୍ - ଉ କାୟମ୍ ଯେଃ ବେର୍ତେ ଜ ଆବୁଗାମମ୍ । ଦେବୀ ଯେଃ- ଉମେ ଗାମଃ ର ଉଭେ ଗଃକି ।






ରାତିରେ ଭୁଆସୁଣୀକୁ ସ୍ୱପ୍ନାଦେଶ ହେଲା । ଦେବୀ କହୁଛନ୍ତି – ତୁ ଯେଉଁ ଜିନିଷ ପାଇଛୁ ସେହି ଜିନିଷ ସାଧାରଣ ନୁହେଁ । ତୁମେ ଭାତ ରାନ୍ଧିବା ସମୟରେ ପାଣିକୁ ଚୂଲିରେ ବସାଇ ଦେବ । ପାଣି ଗରମ ହୋଇଗଲେ ଭାତରନ୍ଧା ଚଟୁକୁ ତା ଭିତରେ ପୁରାଇ ଘାଣ୍ଟି ଦେଇ କହିବ ଭାତ ହୋଇଯାଅ । ଭାତ ହୋଇଯିବ । ଠିକ୍ ସେହିପରି ଚୂଲିରେ ଡାଲିପାଣି ରଖିଦେବ । ପାଣି ଗରମ ହେଲା ପରେ ଡୁଆକୁ ତା ଭିତରେ ପୁରାଇ କହିବ ଡାଲି ହୋଇଯାଅ । ଡାଲି ହୋଇଯିବ । କିନ୍ତୁ ସାବଧାନ – ଏହି କଥା କାହାକୁ କହିବ ନାହିଁ । ଦେବୀ ସ୍ୱପ୍ନାଦେଶ ଦେଇ ଉଭେଇ ଗଲେ ।







ଭୂଆସେନ୍ ମୁଇନା କାୟମ୍ ଯେଃ ଭାବେନା ଲାଃକି । ଅଡ଼ଃ ଦିନ୍ ମିଆଃ ତାଏ ବେରୁକି ର ଉଆଃ ଉଇଃ କଲା ଗଙ୍‌ନାଃଥମ୍ ସାନ୍‌କି । ସପନ୍ ତେ ଯାହା ଯାହା କୁଇସିଥଃ ହଘାଏ ଗା ବାୟଃ । ସତ୍‌କେ ସତ୍ ପେଗ୍ ଶାଃ ହଏ ଗଃକି । ହ ଦିନତାଏ ଝାକିଗା ସୁଖେ ରହେନା ଲାଃକି ମେନ୍ । ମୁସ୍‌ନିଙ୍ଗ୍ ଆଃ କାୟମ୍ । ଭୂଆସେନ୍ ଆଃ ମାଡ଼ମ୍ ଆଡ଼୍‌କିଆଃ ଅଃ ବୁଙ୍ଗ୍ ଗତିଆ ଡେଲ୍‌କି । ଆଘ୍‌ଲିଆଃତାଏ ଉପାଡ଼ି ବନେବଃ ଗତିଆ ମାଏଁନ୍ ବାୟଃକି । ଜୟଃ ଯେ- ବେଟୀ ଡମ୍ କମ୍‌ସର୍ ରୁମ୍‌କୁବ୍ ଆଃ ପେଗ୍ ର ଦାଏଲ୍ ଶାଃ ତେର୍‌ସିଗ୍ । ମାଡ଼ମ୍ ମନେମନ୍ ଚିନ୍ତା ବାୟ୍‌କଲା ନଃଖଃ । ନଃକଲା ଅଡଃ ମନ୍‌ଡମାଃ ଧୁକ୍ ଧୁକ୍ ସହେନା ଉମ୍ ପାଲଃ ।

ଭୁଆସୁଣୀ ସ୍ୱପ୍ନ କଥା ହେଜି ବସିଲେ । ଅନ୍ୟ ଦିନ ସକାଳୁ ଉଠି ଗାଧୁଆ ପାଧୁଆ ସାରି ରୋଷେଇ ଶାଳକୁ ଗଲେ । ସ୍ୱପ୍ନାଦେଶ ଯାହା ହୋଇଥିଲା ଠିକ୍ ସେହିପରି କଲେ । ସତକୁ ସତ ଭାତ ଡାଲି ତିଆରି ହୋଇଗଲା । ସେହି ଦିନ ଠାରୁ ସମସ୍ତେ ସୁଖରେ ରହିବାକୁ ଲାଗିଲେ । ଗୋଟିଏ ଦିନର କଥା । ଭୁଆସୁଣୀର ମା' ତାଙ୍କ ଘରକୁ କୁଣିଆଁ ହୋଇ ଆସିଲେ । ପୂର୍ବାପେକ୍ଷା ଯଥା ରୀତିରେ ଅତିଥି ସତ୍କାର କରାଗଲା । ଦେଖିଲା ଯେ ଝିଅ ଖାଇବା ପାଇଁ ଅରୁଆ ଚାଉଳର ଭାତ ଓ ଡାଲି ଦେଇଛି । ତା' ମା' ମନେ ମନେ ଚିନ୍ତା କରି ଖାଇଲା, ଖାଇସାରି ଆଉ ମନକଥା ସମ୍ଭାଳି ପାରିଲା ନାହିଁ ।





ବେଟୀ ଡମ୍ ତେ ଏକର୍ ବୁଙ୍ ରେମାଃ କଲା ଗାମଃ- ନ ରେ ବେଟୀଗିଙ୍ ଆମ୍ପାଃ ଅଃତେକ ଇହିଜ ମଃଡ଼େଗ୍ ଲାଃଜ ଉଘାଏ ସେବୁଲ୍ ପେଗ୍ ଶାଃ ନନଃ ଆତାୟ୍ କୁୟୋବ୍ ? ବେଟୀ ୟୋଃ- ଥୋ...ଥୋ... ଥମଃ ହଏକି । ଝାକି କାୟମ୍ ଅବ୍ଲେଠ୍ନା ଚେରେଷ୍ଟା ବାୟଃ । ଲେକିନ୍ ଆଡ଼ି ଆଃ ମାଡ଼ମ୍ ଆଡ଼୍ତେ ଉମ୍ ମେଲାୟଃ । ଥର୍କେ ଥର୍ ଆଡ଼୍ତେ ଇଚିଃ ଖଣେଗ୍ ସାନ୍ତା ନ ମଃ ର ଽେର୍ ଉତିଗ୍ ହାନ୍ତିଗ୍ ତାୟ୍ ଗାମନା ଲାଃକି । ୟେନ୍ତା ଲାଃଜ ଇଙ୍ ତେ ଉ କାୟମ୍ ୟୋଃ ଗାମେ । ବେଟୀ ୟୋଃ ଅଡଃ ଇହି ଜ ଉପାୟ୍ ଉମ୍ କୁୟଃ ର ଝାକି ଲେଠ୍ଲେଟ୍ କାୟମ୍ ଗାମ୍ ଗଥଃ । ହ ଦିନତାଏ ଚାଟୁ ଆର ଡୁଆଃ କାମୁ ବଙ୍ ଗଃକି । ଅଡ଼ଃ ୟେତ୍କି ଡାଃ ଲ'ଃଲାଃ ନ ଚଟୁ ଡୁଆ ଘାନ୍ଟେ ଅଃଲାଃ ଇହିଜ ଉମ୍ ହଏକି ।

ଝିଅକୁ ପାଖକୁ ଡାକି ପଚାରିଲା । ହଇଲୋ ଝିଅ - ତୁମ ଘରେ ତ କିଛି ନାହିଁ ତଥାପି ଏପରି ସୁ-ସ୍ୱାଦୁ ଖାଦ୍ୟ କେଉଁଠୁ ପାଇଲୁ ? ଝିଅଟି ଥତମତ ହେଲା । ସମସ୍ତ କଥା ଲୁଚାଇବାକୁ ଚେଷ୍ଟା କଲା । କିନ୍ତୁ ତା ମା' ତାକୁ ଛାଡିଲା ନାହିଁ । ବାରମ୍ବାର ଏପଟୁ ସେପଟୁ ପଚାରିବାକୁ ଲାଗିଲା । ଯେମିତି ହେଲେ ମତେ କହ । ଝିଅଟି ଅନନ୍ୟୋପାୟ ହୋଇ ସମସ୍ତ ଗୁପ୍ତ ରହସ୍ୟ କହିଦେଲା । ସେହି ଦିନ ଠାରୁ ଚଟୁ ଓ ଡୁଆର କାର୍ଯ୍ୟ ଶେଷ ହୋଇଗଲା । ଆଉ ଯେତେ ପାଣି ଗରମ ହେଲେ ଡୁଆ ଚଟୁ ଘାଣ୍ଟିଲେ କିଛି ହେଲା ନାହିଁ ।

# କାନା କୁଣ୍
# କାନାକୁଣ୍ଡ





ସତ୍ ଯୁଗ୍ଆଃ କାୟମ୍ । ବାଏଲ୍ସାଁକରା ବଲକ୍ଆଃ ମୁଇଙ୍ କେଲ୍କେ ଘୁଘର୍ । ଉ କେଲ୍କେ ଯେଃ ଇବ୍ ଖିରମ୍ ଆଃ ଖଏଣ୍ ତେ ଆଃଇ । ଖିରମ୍ ଭିଃତାର୍ତେ କାନାକୁଣ୍ ଗାମ୍ କରି ମୁଇଙ୍ ଠାଁଣ ଆଃଇ । ଉଜେଃ ଦେବୀ ଦେବ୍ତା ଅଡ଼ଃ ଦେବ୍ଗୁନ୍ କିଆଃ ଠାଣ ହାଏ । ଦେବୀ ଦେବ୍ତା ଗାମଃଲାଃ ସାତ୍ ବହ୍ନୀ ଜଲ୍କା ମହ୍ କିଃତେ କିଃତେ ଆଏଗ୍ କି । କାନାକୁଣ୍ ତୁତାଡିଗ୍ ଭୀମ୍କୁଣ୍ ଆଃଇ । ଉଆଃ ଉସାର୍ ପଚାଶ ନ ଦୁଇ କୋଏର୍ ଦଶ ଁଟ୍ ର ଲମ୍ଧା ତିନ୍କୋଏର୍ ଁଟ୍ ମେନେ ହଏନା । ଗାମ୍ତେ କି ଉତେ ସରେଙ୍ ଲସା କୁଇତା । ଉ ଲସା ନ ଉ ନନଃ ଆତ୍ ଲେବୁ/ବେର୍ ନଃ ଗଥଃଲାଃ ଆଡିଆଃ ନିରୀ ସରେଙ୍ ଗୁଟ୍ ଆଁଟ ହଏଗଃତା । ନିରୀତେ ମିସିନ୍ ବୁଙ୍ ତାରଃ ଲାଃଜ ଇହିଜ ଉମ୍ ହଏତା । ଉଘାଏ ଯେ-କାଃ କମ୍ ବାଲୁଆ ଜ ଉମ୍ ଖପେତା । ବନ୍ଧୁକ୍ ଆଃ ଗୁଲି ଜ ଉମ୍ ପୁଡୁତା । ଇଞ୍ଜିନ୍ ତେ ଚଲେତା ଗାଡି ତେ ଡେପ୍କିଲାଃ ଗାଡି ଉମ୍ ଚଲେତା । ଡଙ୍ଗାତେ ଡେବ୍କିଲାଃ ଡଙ୍ଗା ବିଣିବ୍ ଗଃତା ।

ସତ୍ୟ ଯୁଗର କଥା । ବାଲିଶଙ୍କରା ବ୍ଲକର ଗୋଟିଏ ଅଂଚଳ ଘୋଘର । ଏହି ଅଂଚଳଟି ଇବ୍ ନଦୀର ତଟ ଦେଶରେ ଅବସ୍ଥିତ । ନଦୀ ଭିତରେ କାନାକୁଣ୍ଡ ବୋଲି ଗୋଟିଏ ଜାଗା । ଏହା ଦେବାଦେବୀଙ୍କ ସ୍ଥାନ ଅଟେ । ଦେବା ଦେବୀ କହିଲେ ସାତ୍ ଭଉଣୀ, ଜଲକା ଭଉଣୀ ଇତ୍ୟାଦି । କାନାକୁଣ୍ଡ ତଳ ଦେଶରେ ଭୀମ କୁଣ୍ଡ । ଏହାର ଓସାର ପଚାଶ ଫୁଟ ଓ ଲମ୍ବ ହାରାହାରୀ ଷାଠିଏ ଫୁଟ ହେବ । କୁହାଯାଏ ଏଠାରେ ପଥର ଲସା ମିଳେ । ଏହି ଖାଦ୍ୟ ବା ଲସା କୌଣସି ବ୍ୟକ୍ତି ପାଇ ଖାଇ ଦେଲେ ତା ଦେହ ପଥର ପରି ଟାଣ ହୋଇଯାଏ । ଦେହରେ ଅସ୍ତ୍ର ପ୍ରୟୋଗ କଲେ କିଛି କ୍ଷତି କରିପାରିବ ନାହିଁ । ଏମିତି କି ଧନୁ ତୀର, ଫାରସା, ବନ୍ଧୁକ ମଧ୍ୟ ତୁଚ୍ଛ ହୋଇଯାଏ । ଇଞ୍ଜିନ ଚାଳିତ ଯାନରେ ଗଲେ ଯାନ ଚାଲିବ ନାହିଁ । ଡଙ୍ଗା ଚଢିଲେ ଡଙ୍ଗା ବୁଡିଯାଏ ।



**ଉକ୍ଡ଼ାଃ ତୁତାତେ ସାଁପ ଗହେର୍ ଗାମ୍ କରି ଜବର୍ ମାହା ଗାସା ଦରହ ଆଃଇ । ଉଯେଃ ଦେବ୍ଗୁନ୍ କିଆଃ ଜାଗା ହାଏ । ହକାଡ଼୍ ତେ ସାତ୍ ବାଖ୍ରା ଗାମ୍ତେ କି । ଉତେ ସରେଙ୍ଗ୍ ଆଃ ସାତ୍ ବାଖରା ଆଃଇ । ସାତ୍ଟା ଦୁଆର୍ ଆଃଇ । ଉ ଜାଗାତାଏ ଦେବ୍ଗୁନ୍ କି ଖିରମ୍ ଆଃ ତୁତା ତଭ୍ଲୁଙ୍ଗ୍ ସାନ୍ନା ଡେଲ୍ନା ବାଏତେ କି । ମେସନ୍ ମେସନ୍ ଆଡ଼୍କି ଲେବୁଆଃ ରୂପ ଧଃତେକଲା ପାଖଆଃ ପାଡାପୋଏସ୍ ତିଗ୍ ବୁଲିନା ସାନ୍ତା କି । ଭଦୋ ଲେରାଙ୍ଗ୍ ଆଃ କାୟମ୍ ।**

ତା ତଳକୁ ସାପ ଗହିର ବୋଲି ଗଣ୍ଡ ଅଛି । ଏହା ଦେବା ଦେବୀଙ୍କ ସ୍ଥଳୀ, ଏହାକୁ ସାତ ବଖରା କହନ୍ତି । ଏଠାରେ ପଥର ଦେହରେ ସାତଟି ଦ୍ୱାର ଅଛି । ଏହି ଯାଗାରୁ ଦେବତା ମାନେ ନଈର ତଳ ଉପରକୁ ଯିବା ଆସିବା କରନ୍ତି । ଥରେ ଥରେ ସେମାନେ ମଣିଷ ରୂପ ନେଇ ପାଖ ଆଖ ଅଞ୍ଚଳକୁ ବୁଲିବା ପାଇଁ ଯାଉଥିଲେ । ଭାଦ୍ରବ ମାସର କଥା ।





**ଘୁଘର୍ କେଲ୍‌କେତେ କାର୍‌ମା ପୂଜା ହଏ ଖାନ୍‌ତା । ବେଡ଼୍ ବିଣିବ୍ ଲେବୁ କି ଧୂପ୍ ସଏଲତା ସରି କୁଇଗନା ଲେଙ୍ଗନାଃ ଥମ୍ ମାନ୍ଦ୍‌ଡ଼ି ଧଃତେ କରି ଡାମ୍ ଖାନ୍‌ତା କି । ଆଡ଼ିଆଃ ଭିଃତାର୍‌ତେ ଛଅ ସାତ୍ ଝନ୍ ଡେଲ୍‌ସି ଥଃ କି । ଆଡ୍‌କିଅଃ ରୂପ ରଙ୍ଗ୍ ଚେହେରା ଅଲ୍‌ଗା କିଆଃ ତାଏ ଅଲ୍‌ଗା ଜୟ୍ ଖାନ୍‌ତା । ଝାକି ତେ ନଃନା ଉଡ୍‌ନା ତେରଃକି । ମାଛି ଆନ୍ଧାର୍‌ତେ କରମ୍ ଦାରୁଆଃ ମୁଇଙ୍ଗ୍ ଡାଡ୍ ଅଲଃ କି । ତିଲନା (ଗାଡ଼ାୟ) ଭେରେ ଝାକି ଗାଃ ଭାବେଅଃ କି ଯେ ଯେନ୍ ଅଚିନ୍‌ହାର ଲେବୁକି ଡେଲ୍‌ସିଗ୍ ମେନ୍ ଆଡ୍‌କିଆ ତିଃ ତେ ଉଃଡାଡ ତେ ଗାଡ଼ାଏ ଡମ୍ ଗୁଡ୍ଡୁଃ । ହଘାଏ ହଏକି ।**

ଘୋଘର ଅଞ୍ଚଳରେ କରମସାନିଙ୍କ ପୂଜା ଉତ୍ସବ ହେଉଥିଲା । ସନ୍ଧ୍ୟା ସମୟରେ ଲୋକମାନେ ଧୂପ ଦୀପ ସାଙ୍ଗକୁ ଆମୋଦପ୍ରମୋଦପାଇଁ ମାନ୍ଦଳ ଧରି ପହଞ୍ଚୁଥିଲେ । ତା ଭିତରେ ଛଅ ସାତ ଜଣ ଆସିଥିଲେ । ତାଙ୍କ ରୂପ ରଙ୍ଗ ଚେହେରା ଅନ୍ୟ ମାନଙ୍କଠାରୁ ଅଲଗା ଦିଶୁଥିଲା । ସମସ୍ତଙ୍କୁ ଖାଇବା ପିଇବା ଦିଆଗଲା । ସନ୍ଧ୍ୟାରେ କରମସାନିଙ୍କ ଏକ ଶାଖା ଅଣାଗଲା । ପୋତିବା ସମୟରେ ସମସ୍ତେ ଚିନ୍ତା କଲେ ଯେ ଯେଉଁ ଅଚିହ୍ନା ବ୍ୟକ୍ତି ମାନେ ଆସିଛନ୍ତି ତାଙ୍କ ହାତରେ ଏହି ଶାଖାକୁ ପୋତା ଯାଉ, ସେହି ପରି ହେଲା ।



**ଇଙ୍ଗିବ୍ ଗଟା କୁଇଗ୍‌କିମେନ୍ ଲେଙ୍ଗିମେନ୍ ପାଡା ଲେବୁ କି ଡିସାଃ ଡିସାଃ ତାଏ ଡେଲ୍‌ସିଃନା ଲେବୁ କିତେ ବନେବଃ ନଃନା ଉଡ୍‌ନା ଅଡଃଦିନ ତେରେନିଙ୍ଗ୍ ର ଡାଙ୍ଗେନିଙ୍ଗ୍ ଗାମ୍ କରି ଚିନ୍‌ତା ବାୟଃ କି । ଲେକିନ୍ ଉ ଛଅ ସାତ୍ ଝନ୍ ଡେଲସିଃ ନା ଲେବୁ କି ବେର୍‌ତେ ଜ ଇହିଜ ଉମ୍ ଗାମ୍ କରି କଲେକଲ୍ ଇଡିବ୍ ଆଃ ଚାଏର୍ ବଜେ  ଜାର୍‌ଗଥଃ କି । ଇଚିଃ ବେଡା ସାନ୍‌କି ର ମଃ ଲେବୁ କି ଜୟଃ କି ଯେ ଆଡ୍‌କି ଅଡଃ ମଃଡେଗ୍ କି । ଆତିଗ୍ ସାନ୍‌କି ମେନ୍ ଆତିଗ୍ ସାନ୍‌କି ମେନ୍ ଝାକିଗା ଲାମଃ କି । ଇହି ଜ ଜନା ଉମ୍ ଗୁର୍‌କି । କିଃତେ ଝନ୍ କିଃତେଟା ପାଃଦଚିହ୍ନା ଜୟ କରି ପଛ୍‌ଲା ପଛ୍‌ଲା ସାନ୍‌କି ମେନ । ହ ବେଡାତେ ଆଡ୍‌କି ଆଡ୍‌କିଆ ମାନ୍ଦ୍‌ଡି ଧଃ ତେ କରି କାନାକୁଣ୍ ଆଃ ଡାଃ ଭିଃତାରବୁଙ୍ଗ୍ ଡିଆର୍ ଗଃ ଖାନ୍‌ତା କି । ଆଡ୍‌କି ଜୟ କରି ଏଙ୍ଗ୍ ଡେଲ୍‌କି ମେନ୍ ର ପାଡାଃ ଲେବୁ କିତେ ଝାକି କାୟମ୍ ଗାମ୍ ଅବଅଣ୍ଡର ଅଃ କି । କାୟମ ଯେଃ ଝାକିତିଗ୍ ବିଜ୍‌ଲି ଗୁଡ ବିହ୍‌ଲେ ଗଃ କି । ମିଆଃ ତେ କର୍‌ମଡାଡ୍‌ତେ ଉହୁଲାଏନାଃଥମ୍ ପୂଜା ଠାଣ୍ ବୁଙ୍ଗ୍ ସାନ୍‌କି ମେନ୍ । ତିଲ୍‌ସି ଥଃକି ଡାଡ ତେ ଉଜା ଖଃ କି । ଲେକିନ୍ ବେର୍ ଜ ଉଜାଃନା ଉମ୍ ପାଲଃ କି । ଝାକିଆଃ ଚେରେସ୍‌ଟା ବେକାର୍ ହଏକି । ଉ ଦାରୁ ଯେଃ ତାମା ମାହା କଲା ବଡେ ମାହା ଦାରୁ ହଏ କରି ଘୁଘର୍ ଜଗର୍‌ନାଥ ଗୁଡିଏକର୍‌ତେ ଆଇ ।**

କୁଆଡେ ଗଲେ କୁଆଡେ ଗଲେ କହି ଖୋଜା ଖୋଜି ଚାଲିଲା କିଛି ଜଣା ପଡିଲା ନାହିଁ । କେତେ ଜଣ କେତେକ ପାଦଚିହ୍ନ ଦେଖି ତା ପଛେ ପଛେ ଗୋଡାଇଲେ । ସେତେବେଳାକୁ ସେମାନେ ତାଙ୍କର ମାନ୍ଦଳ ଧରି କାନାକୁଣ୍ଡର ଜଳ ଭିତରକୁ ପଶିଯାଉଥାନ୍ତି । ସେମାନେ ଫେରିଆସି ଗାଁ ଲୋକଙ୍କୁ ସବୁ କଥା କହିଲେ । କଥାଟା ସବୁଆଡେ ବିଜୁଳି ବେଗରେ ଖେଳିଗଲା । ସକାଳେ କରମସାନିଙ୍କୁ ବିସର୍ଜନ ପାଇଁ ପୂଜାସ୍ଥଳକୁ ଗଲେ । ପୋତା ହୋଇଥିବା ଶାଖାକୁ ଉପାଡିଲେ କିନ୍ତୁ କେହି ଉପାଡି ପାରିଲେ ନାହିଁ । ସମସ୍ତଙ୍କ ଚେଷ୍ଟା ବୃଥା ହେଲା । ଏହି ଗଛ ବର୍ତ୍ତମାନ ବଡ ହୋଇ ବିରାଟ ବୃକ୍ଷ ଧାରଣ କରି ଘୋଘର ଜଗନ୍ନାଥ ମନ୍ଦିର ପାଖରେ ଅଛି ।

**ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ**
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର